# ରବିବାର ଜାଗର ସଜେଇ ହେଲାଣି ମାଣତ୍ରୀ ବୈଦ୍ୟନାଥଙ୍କ ପୀଠ

ବଡ଼ସାହି/ମାଣତ୍ରୀ, ୧୩ା୨(ସମିସ)

ଦିନକ ପରେ ଜାଗର। ମହାଶିବରାତ୍ରି ପାଇଁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମାଣତ୍ରୀ ବାବା ଶ୍ରୀକଖାରୁଆ ବୈଦ୍ୟନାଥଙ୍କ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଣ୍ଡବତେଙ୍କ ସମେତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦୀପ ଜାଳିବା ସହିତ ପୂଜା ଓ ଦର୍ଶନ କିପରି ଶାନ୍ତିଶୃଙ୍ଖଳା ସହିତ ହେବ ସେଥିପାଇଁ ସିଦ୍ଧାନ୍ତ ହୋଇଛି। ଏସଡିପିଓ ମିନତୀ ବିଶ୍ୱାଳ, ବିଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା ଓ ବୈଶିଙ୍ଗା ପୁଲିସ ମେଳା ପଡ଼ିଆ ଓ ମନ୍ଦିର ବଗିଚାରେ ଫହଚି ପରିସ୍ଥିତକୁ ଅନୁଧ୍ୟାନ କରିବା ସହିତ ସେବାୟତ ଓ ସ୍ୱେଚ୍ଛାସେବୀଙ୍କ ସହିତ ଆଲୋଚନା କରିଛନ୍ତି। ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ସବୁବେଳେ ପରିଛା ପ୍ରଦୀପ ପଣ୍ଡାଙ୍କ ସହିତ ଯୋଗାଯୋଗରେ ରହି ସମସ୍ତ ବ୍ୟବସ୍ଥା କିପରି ଠିକ୍ଠାକ୍ ହେବ ସେଥିପାଇଁ ଗୁରୁତ୍ୱ ଦେଇଛନ୍ତି। ଭିଡକୁ ଦୃଷ୍ଟିରେ ରଖି ମେଳା ପଡ଼ିଆ ଭିତର, ମନ୍ଦିର ଭିତର ଓ ବାହାର ସହିତ ଉତ୍ତରରେ ମାଣତ୍ରୀ ଛକଠାରୁ ଦକ୍ଷିଣରେ ଚମ୍ପାନାଞ୍ଜି ଛକ ପର୍ଯ୍ୟନ୍ତ ଯାନବାହନ ମୁକ୍ତ ଓ ନୋ ପାର୍କିଂ ଜୋନ ସହିତ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ନିୟୋଜିତ ହୋଇଛନ୍ତି। ଦର୍ଶନ, ପୂଜା ଓ ଦୀପ ଜାଳିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ସୂଚାରୁ ରୂପେ ହୋଇଥିବାର ପରିଛା ପ୍ରକାଶ



କରିଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସଂଲଗ୍ନ କୁଣ୍ଡି(ଜଳାଶୟ)ରେ ଲାଇଫ୍ ବୋଟ ସହିତ କର୍ମଚାରୀଙ୍କୁ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଛି। ମେଳା ୧୨ଦିନ ଧରି ବସିବାକୁ ଥିବାବେଳେ ମେଳା ପଡ଼ିଆ ନିଲାମଧାରୀ ଦୋକାନୀଙ୍କୁ ସ୍ଥାନ ଦେବା କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶହଶହ ଦୋକାନ ବଜାର, ମୀନା ବଜାର, ଆକର୍ଷଣୀୟ ଦୋଳି ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓଁକାର

**▶▶ କଖାରୁଆଙ୍କ ପାଲିଙ୍କି ଶୋଭାଯାତ୍ରା ଓ ଜ୍ୟୋତି ପରିକ୍ରମା ମନମୋହିବ**

**▶▶ ୪.୧୫ରେ ଉଠିବ ମହାଦୀପ**

ଓ ଗ୍ରାଣ୍ଡ ମହଲ ଯାତ୍ରାପାର୍ଟି ତାର ଯାତ୍ରା ପରିବେଷଣ କରିବ ବୋଲି ଜଣାଯାଇଛି। ରାଜନୈତିକ ଦଳ ପକ୍ଷରୁ ବ୍ୟାନର, ଗେଟ୍ ଓ ଜଳଛତ୍ର ପାଇଁ ସଜବାଜ ଆରମ୍ଭ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟସୂଚୀ ଚୁଡାନ୍ତ ହୋଇଛି।

ରବିବାର ଭୋର ୩.୪୫ଟାରେ ଦିଅଁଙ୍କ ପହଡ଼ଭଙ୍ଗା ପରେ ବିଶ୍ୱଶାନ୍ତି ନିମିତ୍ତ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ୪.୧୫ରେ ବାବା କଖାରୁଆଙ୍କ ଚଳନ୍ତି ବିଗ୍ରହ ପାଲିଙ୍କି ନଗର ବିଜେ ଶୋଭାଯାତ୍ରା ଓ ଜ୍ୟୋତି ପରିକ୍ରମା ଧୁମଧାମରେ ଅନୁଷ୍ଠିତ ହେବ। ସେହିପରି ୪ଟା ୩୦ମିରେ ବାଲ ଭୋଗଲାଗି ଓ ସାଧାରଣ ଦର୍ଶନ ଏବଂ ସାଧାରଣ ପୂଜା ୫ଟାରୁ ଦିନତମାମ ଚାଲୁ ରହିବ। ରାତ୍ର ୯.୩୦ରେ ଜଳାଭିଷେକ, କ୍ଷୀରା ଭିଷେକ, ଷୋଡଶ ଉପଚାର ପୂଜା, ରାତ୍ର ୨.୩୦ଟାରେ ବାବା କଖାରୁଆ ବୈଦ୍ୟନାଥ ଓ ଦଧିବାମନଙ୍କ ଯଜ୍ଞ ଆରମ୍ଭ। ରାତ୍ର ୩ଟା ଶ୍ୱେତଫଳ ଲାଗି ଓ ବିଶେଷ ଗୁପ୍ତ ଉପାସନା ବିହିତ ପୂଜା, ୩.୩୦ରେ ସୁନାବେଶ ସହିତ ଭସ୍ମାଭିଷେକ ଏବଂ ଆରତୀ, ଶୃଙ୍ଗାଳବେଶ ସଜାଣି, ୩.୪୫ରୁ ୪.୧୫ ପର୍ଯ୍ୟନ୍ତ ନଗର କୀର୍ତନ ସାଙ୍ଗକୁ ଭୋର ୪.୧୫ଟା ପରେ ମହାଦୀପ ଉଠିବ। ସୋମବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ ବୋଲି ଜଣାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବୈଶିଙ୍ଗା ପୋଲିସ୍ ପକ୍ଷରୁ ଜଣେ ଡିଏସପିଙ୍କ ନେତୃତ୍ୱରେ ଅସ୍ଥାୟୀ ଫାଣ୍ଡି ସହିତ ୨ପ୍ଲାଟୁନ ଫୋର୍ସ, ୧୦ଜଣ ଅଫିସର, ୧୦ଜଣ କନେଷ୍ଟବଲ ଓ ୧୦ଜଣ ହୋମଗାର୍ଡଙ୍କ ସହିତ କିଛି ମହିଳା ପୋଲିସ ମୁତୟନ ହେବେ ବୋଲି ଜଣାଯାଇଛି। ପରିସ୍ଥିତିକୁ ଦେଖି ସିସି ଟିଭି କ୍ୟାମେରା ସହିତ ସାଦା ପୋଷାକରେ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇପାରେ। ବଡ଼ସାହି ଦମକଳବାହିନୀ, ମାଣତ୍ରୀ ମହାବିଦ୍ୟାଳୟର ଏନଏସଏ ଛାତ୍ରଛାତ୍ରୀ ଓ ମାଣତ୍ରୀ ଆଞ୍ଚଳିକ ଡାକ୍ତରଖାନା ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବାବା ବୁଢ଼ା ରାଉଳେଶ୍ୱର ଶୈବ ପୀଠ ପ୍ରସ୍ତୁତ

**ବାରିପଦା, ୧୩ା୨(ସମିସ):** ଶନିବାର ଏକବାର। ରବିବାର ଜାଗର। ଏଥିପାଇଁ ମୟୂରଭଞ୍ଜର ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ପାଇଁ ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ। ସର୍ବପୁରାତନ ଶୈବପୀଠ ସ୍ୱୟଂଭୂ ବାବା ବୁଢ଼ାରାଉଳେଶ୍ୱର ମଠ। ଯାହା ବାରିପଦା ସହର ଉପକଣ୍ଠ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅବସ୍ଥିତ। କିମ୍ବଦନ୍ତୀ ଅନୁସାରେ ଆଜକୁ ପ୍ରାୟ ହଜାରେ ବର୍ଷ ପୂର୍ବରୁ ଏଠାରେ ଥିବା ଅରଖ ଜଙ୍ଗଲରୁ ବାବା ସ୍ୱୟଂ ଆବିର୍ଭାବ ହୋଇଥିବା ହେତୁ ସେ ସ୍ୱୟଂଭୂ ବାବା ବୁଢାରାଉଳେଶ୍ୱର ନାମରେ ପରିଚିତ। ଅରଖ ବଣରୁ ଆବିର୍ଭାବ ହୋଇଥିବାରୁ କେହି କେହି ତାଙ୍କୁ ଆରଖପାଳ ବୋଲି ମଧ୍ୟ ସମ୍ବୋଧନ କରିଥା'ନ୍ତି। ଏହା ଏକ ତନ୍ତ୍ର ପୀଠ ମଧ୍ୟ। ବିଗତ ଦିନରେ ଅନେକ ସାଧୁ ସନ୍ଥ ଏଠାକୁ ଆସି ସିଦ୍ଧିଲାଭ କରିଛନ୍ତି। ଧୂନିମଠ ଭାବେ ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବାବାଙ୍କ ମନ୍ଦିର ପାଖକୁ ଲାଗି ରହିଛି ପ୍ରାୟ ୭ଶହ ବର୍ଷର ଧୂନିମଠ। ଏକଦା ସନ୍ଥ ମହାବୀର ଦାସ ନାମକ ଜଣେ ସନ୍ଥ ଏହି ଧୁନି ମଠର ପ୍ରତିଷ୍ଠା କରିଥିଲେ। ସେବେଠାରୁ ଏଠାରେ ଥିବା ଅଗ୍ନିକୁଣ୍ଡରେ କେବେହେଲେ ଧୁନି ଲିଭି ନ ଥିବାବେଳେ ଅହରହ ଏହି ଅଗ୍ନିକୁଣ୍ଡରେ ଅଗ୍ନି ସଂଯୋଗ ହେଇ ରହିଛି। ଏହାର ଭସ୍ମକୁ ତିଳକ ଭାବେ ପିନ୍ଧି ଅନେକ ଲୋକେ ଉପକୃତ ହେଉଥିବା ବିଶ୍ୱାସ ରହିଛି। ଏଥିସହିତ ଏଠାରୁ କେହି କେବେ ଖାଲି ହାତରେ ଫେରିନାହାନ୍ତି। ଯିଏ ବାବାଙ୍କୁ ଭକ୍ତିର ସହ ଯାହା ମାଗିଛି ବାବା ତାକୁ ତାହା ଦେଇଥାନ୍ତି ବୋଲି କୁହାଯାଏ। ଏଠାରେ ଶିବଙ୍କ ଲିଙ୍ଗ ପୂଜା ହେବା ସହିତ ଶିବ-ପାର୍ବତୀଙ୍କ ମୂର୍ତ୍ତି ମଧ୍ୟ ପୂଜା ପାଇଥା'ନ୍ତି। ଶିବ ପାର୍ବତୀଙ୍କ ବିବାହ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥାଏ। ବାବା ଏଠାରେ ଦକ୍ଷିଣାବର୍ତ୍ତ ଭାବରେ ପୂଜିତ ହେଉଥିବା କାରଣରୁ ଭକ୍ତମାନେ ପୂଜାର୍ଚ୍ଚନା କରି ଅଦଭୁତ କରୁଣାପ୍ରାପ୍ତି ହେଉଥିବା ଜଣାଯାଏ। ଏଠାରେ ଆଉ ଏକ ଆଶ୍ଚର୍ଯ୍ୟ ଓ ଚକିତ କଲା ଭଳି ଘଟଣା ହେଉଛି ଏଠାକାର ଜୀବନ୍ତ ଶୀଳା। ଧୂନିମଠ ସମ୍ମୁଖରେ ପ୍ରତିଷ୍ଠା ସମୟରୁ ଏକ ଶୀଳା ରହିଛି। ଯାହା କ୍ରମଶଃ ବୃଦ୍ଧି ପାଉଥିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମନ୍ଦିରର ପୂଜକ ସୁଦର୍ଶନ ଦ୍ୱିବେଦୀ। ଶିବରାତ୍ରି ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ରତୀଙ୍କ ପାଇଁ ଦର୍ଶନ, ପୂଜା ଓ ଦୀପ ଜାଳିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ସମ୍ପନ୍ନ ହୋଇଛି। ତେବେ ବାରିପଦା ଅମ୍ବିକା ମନ୍ଦିର ପାଖରୁ ଏକ ଝୁଲା ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ଦାବି ରହିଛି। ଏହା ହେଲେ ବାରିପଦା ସହରର ଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର ସହିତ ତ୍ରିକୋଣୀୟ ପର୍ଯ୍ୟଟନ ତଥା ଆଧ୍ୟାନିକ କେନ୍ଦ୍ର ହୋଇପାରିବ।

## ଚଳଚଞ୍ଚଳ ହେଉଛି ଶିମିଳେଶ୍ୱର ପୀଠ

**କଳାବାଡିଆ, ୧୩ା୨(ସମିସ);** ବାଙ୍ଗିରିପୋଷି ବ୍ଲକ ଗୋଲାମୁଣ୍ଡାକଟା ପଞ୍ଚାୟତର ଶିମିଳାଠାରେ ଥିବା ବାବା ଶିମିଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ପୂର୍ବାନୁମାନ କରିଛି ସ୍ଥାନୀୟ ପ୍ରଶାସନ। ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ତହସିଲଦାର ଶୁଭଙ୍କରୀ ସୁଦେଷ୍ଣା ଦାସ ଓ ଥାନା ଅଧିକାରୀ ସସ୍ମିତା ସାମଲ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଜଣେ ଡିଏସପିଙ୍କ ନେତୃତ୍ୱରେ



ଏକ ପ୍ଲାଟୁନ ପୁଲିସ ଫୋର୍ସ, ଥାନା ଅଧିକାରୀ ସହିତ ସ୍ଥାନୀୟ ପୁଲିସ ଏକ କ୍ୟାମ୍ପ କରି ମୃତାୟନ ହେବେ ବୋଲି ଜଣାପଡ଼ିଛି। ଗୋଲାମୁଣ୍ଡାକଟା ପଞ୍ଚାୟତ ସରପଞ୍ଚ ଗୌରହରି ନାଏକ ନେତୃତ୍ୱରେ ପଞ୍ଚାୟତବାସୀଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ଅଭିଯୋଗ ପ୍ରକୋଷ୍ଠ, ପାନୀୟ ଜଳ, ଡାକ୍ତରୀଟିମ, ଦମକଳ ବାହିନୀକୁ ସଜାଗ ରଖାଯାଇଛି। ସୁନା ଅଳଙ୍କାର ପିନ୍ଧି ମେଳା ନ ଆସିବା ପାଇଁ କମିଟି ଅନୁରୋଧ କରିଛି। ଆସନ୍ତାକାଲିଠାରୁ ଭକ୍ତ ସମାଗମ ବଢୁଥିବାରୁ ମେଳା ମଧ୍ୟକୁ ଚାରିଚକିଆ ଯାନ ବାରଣ କରାଯାଇଛି।

## ଦେବଶୋଳ ଜାଗର ଯାତ୍ରା ପାଇଁ ଶାନ୍ତିକମିଟି ବୈଠକ



**ରାସଗୋବିନ୍ଦପୁର, ୧୩ା୨(ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପାଇଁ ଶୁକ୍ରବାର ରାସଗୋବିନ୍ଦପୁର ଥାନ ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ରାସଗୋବିନ୍ଦପୁର ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା ମଞ୍ଚରେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ, ବିଡିଓ ଅନନ୍ତ ହାଁସଦା, ଅଗ୍ନିଶମ ବାହିନୀ ଅଧିକାରୀ ରବୀନ୍ଦ୍ର ସେଠୀ, ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡ. ବାସନ୍ତୀ ସର୍ଦ୍ଦାର, ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଦଳେଇ, ସମାଜସେବୀ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦେବଶୋଳ ଜାଗର ଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ହୋଇପାରିବ, ଏତତ୍‌ବ୍ୟତୀତ ମେଳା ସମ୍ପୂର୍ଣ୍ଣ ହେବାର ୧୫ ଦିନ ମଧ୍ୟରେ ମେଳା ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ମେଳାର ଆୟବ୍ୟୟର ବିବରଣୀ ଜନାଗତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ପାନୀୟ ଜଳ, ଶୌଚାଳୟ ଆଦି ନିର୍ମାଣ ପାଇଁ ମଧ୍ୟ ସିଦ୍ଧାନ୍ତ ନିଆଯାଇଥିଲା। ବୈଠକରେ ଏକ ଅସ୍ଥାୟୀ ଶାନ୍ତି କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଡ. ବ୍ରଜ ଭାଇ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ସୁଧାଂଶୁ ନାଏକ, ଲକ୍ଷ୍ମୀ ହାଁସଦା, ସମ୍ପାଦକ ଅଶୋକ ମହାନ୍ତି, ସହସମ୍ପାଦକ ଜେନାମଣି ମହାନ୍ତ, ସଦସ୍ୟ ଘନଶ୍ୟାମ ମୁର୍ମୁ, ପୁରୁଷୋତ୍ତମ ଦେ, ଶରତ ମହାନ୍ତି, ନଗେନ୍ଦ୍ର ମହାନ୍ତି, ସନ୍ତୋଷ ମହାନ୍ତି, ଇନ୍ଦ୍ରଜିତ ଦାସ, ସୌରଭ ମହାନ୍ତି, ପ୍ରଶାନ୍ତ ଲେଙ୍କା, ଅଜିତ ପ୍ରଧାନ, ସରୋଜିନୀ କିସ୍କୁଙ୍କୁ ଚୟନ କରାଯାଇଥିଲା। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଗର ପାଇଁ ବୁଦ୍ଧେଶ୍ୱର ପୀଠରେ ପ୍ରସ୍ତୁତି

**ମୋରଡ଼ା/ରାସଗୋବିନ୍ଦପୁର, ୧୩ା୨:** ରାସଗୋବିନ୍ଦପୁର ବ୍ଲକ ଦେବଶୋଳରେ ରହିଛି ବହୁ ପୁରାତନ ଶୈବ ପୀଠ ବାବା ବୁଦ୍ଧେଶ୍ୱର ମନ୍ଦିର। ଉକ୍ତ ପୀଠରେ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଆଗାମୀ ଜାଗର ପାଇଁ ବୁଦ୍ଧେଶ୍ୱର ପୀଠରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପଚାଶ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏଥିସହ ଏଠାରେ ୧୨ ଦିନ ଧରି ଦେବଶୋଳ ମେଳା ଅନୁଷ୍ଠିତ ହେବ। ମନ୍ଦିର ଶାନ୍ତି କମିଟି ପକ୍ଷରୁ ଭିଡ଼କୁ ଦୃଷ୍ଟିରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ଚାରିଜଣ ବ୍ରାହ୍ମଣଙ୍କୁ ନିୟୋଜିତ କରାଯିବ। ରାତି ୪:୩୦ ମିନିଟ ସମୟରେ ମହାଦୀପ ଉଠିବ ବୋଲି ଜଣାପଡ଼ିଛି। ସେହିପରି କମିଟି ପକ୍ଷରୁ ଦେବଶୋଳ ମେଳାରେ ୨୫୦ଟି ଷ୍ଟଲ୍ କରାଯାଇଛି।



## ବନ୍ଦ ପାଳନ ବେଳେ ତିରିଂରେ ପୁଲିସକୁ ଦୁର୍ବ୍ୟବହାର ଅଭିଯୋଗ

**ରାଇରଙ୍ଗପୁର, ୧୩ା୨(ସମିସ):** ଗୁରୁବାର ଭାରତ ବନ୍ଦ ସମୟର ତିରିଂ ଅଞ୍ଚଳରେ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କୁ ଧମକ ଓ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଛି। ତିରିଂ ଥାନା ଅଞ୍ଚଳରେ ତହସିଲ କାର୍ଯ୍ୟାଳୟ, ଜାତୀୟ ରାଜପଥ ଓ ବଡ଼ଡାଲିମା ବଜାର ଅଞ୍ଚଳରେ ବାମପନ୍ଥୀ ଓ କଂଗ୍ରେସ କର୍ମୀ ମିଳିତ ଭାବେ ପିକେଟିଂ କରିଥିଲେ। ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରୁଥିଲେ। ଯାହାକୁ ପୁଲିସ ବିରୋଧ କରିବାରୁ ଦୁର୍ବ୍ୟବହାର କରିବା ସହ ଧମକ ଦେଇଥିଲେ। ଯାହାକୁ ନେଇ କର୍ମକର୍ତ୍ତାଙ୍କ ନାମରେ ଅଭିଯୋଗକ୍ରମେ ତିରିଂ ଥାନାରେ ପୁଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିଛି। ପୁଲିସ ପକ୍ଷରୁ ରାମଚନ୍ଦ୍ର ହେମ୍ବ୍ରମ, ତ୍ରିନାଥ ପାତ୍ର, ସମୁ ବିରୁଲି, ଗିରିଶ ଗୋଡସୋରା, ରାଜରାଓ ଗୁନି, ବାଲ୍ମୀକ କୁମ୍ଭକାର, ସୁଶାନ୍ତ ବେହେରା, ମାନସ ପାତ୍ର, ମିଶ୍ର ପାଟବନ୍ଧା, ସରୋଜ ବେହେରା, ରତନ ମୁଣ୍ଡା, କମଲ ରାଜ, ଅନୁପ ସୋରେନ, ଶଙ୍ଖଲାଲ ଖେତ୍ରୀ, ହୃଦାନନ୍ଦ ଗୋଡ଼ସୋରା, ହାବିବୁଲ୍ଲା ଖାନ ଆଦି କର୍ମୀଙ୍କ ନାମରେ ମାମଲା ରୁଜୁ କରାଯାଇଛି।

## ବାଘଡ଼ାରେ ବ୍ଲକ୍ସ୍ତରୀୟ ଖାଉଟି ସଚେତନତା କର୍ମଶାଳା

**ଶୁଳିଆପଦା, ୧୩ା୨(ସମିସ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ମୟୁରଭଞ୍ଜ, ବାରିପଦା ଓ ସଂକଳ୍ପ, କୁଳିଅଣା ଆନୁକୂଲ୍ୟରେ ବାଘଡା ପଞ୍ଚାୟତ ସଭାଗୃହରେ ବ୍ଲକସ୍ତରୀୟ ଖାଉଟି ସଚେତନତା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚାସୀନ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ନାଏବ ସରପଞ୍ଚ ବିଜୟଲକ୍ଷ୍ମୀ ସୋରେନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦଘାଟନ କରିଥିଲେ। ସୁଷମା ପଣ୍ଡା କର୍ମଶାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମୀରା ଧୀର ମଞ୍ଚ ପରିଚାଳନା କରିଥିଲେ। ନିରୀକ୍ଷକ ବୈଧ ମାପ ବିଜ୍ଞାନ, ଉଦଳାର ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା ସଚେତନତା ବାର୍ତ୍ତା, ଖାଉଟିର କର୍ତ୍ତବ୍ୟ ଓ ଭୂମିକା, ଦ୍ରବ୍ୟ କିଣା, ତ୍ରୁଟିପୂର୍ଣ୍ଣ ସେବା, ଅନଲାଇନ କ୍ରୟ, ଖାଉଟି ବିବାଦର ପ୍ରତିକାର ଓ ଅଂଶଗ୍ରହଣକାରୀଙ୍କୁ ଓଜନ ମାପ ବିଭାଗ ତରଫରୁ ପାକେଟ ପ୍ରସ୍ତୁତକାରି, ଅବଧି ସମୟ, ଗୁଣବତ୍ତା ଓ ଓଜନ ତନଖି ପ୍ରଦର୍ଶିତ କରିଥିଲେ। ଓଏଲଏମର ଏମବିକେ, ସିଆରପି, ଇସି, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଯୋଗ ଦେଇଥିଲେ। ସଂକଳ୍ପର ଅନୁଷ୍କା ଧଳ, ଦେବସ୍ମିତା ଟୁଙ୍ଗ, କାର୍ତ୍ତିକ ଧଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶିର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

**ବାରିପଦା, ୧୩ା୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁଦୁଲି ଦାୟିତ୍ୱ ନେଇଛନ୍ତି। ଏଥିସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି, ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ସେହିପରି ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ। ଅଭିନବ ଶୈଳୀରେ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ସୁଦୂର ପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି କହିଛନ୍ତି।



**କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା**

## ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ



**ମୋରଡା, ୧୩ା୨(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ବାରମାଇଲଠାରେ ଥିବା କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡିସେମ୍ବର ୨୩ ତାରିଖ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ଜେଏମଏମ କର୍ମୀ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା। ଯେଉଁ ଦାବି ସମାଧାନ ପାଇଁ ଦଳ ତରଫରୁ ଦୁଇ ମାସ ସମୟ ଦିଆଯାଇଥିଲା ସେଗୁଡିକ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇନାହିଁ। ତେଣୁ ଶୁକ୍ରବାର ମେଡ଼ିକାଲ ଅଫିସରଙ୍କ ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଜେଏମଏମ କର୍ମୀ ଦାବିପତ୍ର ପ୍ରଦାନ କରିଛନ୍ତି। କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଦବୀ ପୂରଣ, ଗର୍ଭବତୀ ମହିଳାଙ୍କ ପାଇଁ ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ ଆଦି ଦାବି କରାଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ମୋରଡା ବ୍ଲକ ଜେଏମଏମ ସଭାପତି ହେମନ୍ତ ମହାନ୍ତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅମୀର ଖାନ, ପବିତ୍ର ଦାସ, ଗଣେଶ ମହାନ୍ତ, ଜ୍ଞାନେଶ ପାତ୍ର, କୈଳାସ ମହାନ୍ତ, ସିପୁନ ଧନୀକ ଓ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

**ରାଇରଙ୍ଗପୁର/କରଞ୍ଜିଆ, ୧୩ା୨ (ସମିସ):** ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଯଶିପୁର ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମନୋଜ ନାୟକ (୩୦)। ସେ ବାଇକ୍ ଯୋଗେ ହାଣ୍ଡିପୁଆଣ ଯାଉଥିବାବେଳେ ଜାହିରା ବାଙ୍କ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତା କଡରେ ପଡ଼ିଯାଇଥିଲେ। ଏହାପରେ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଟ୍ରକ ଓ ବାଇକକୁ ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।

## ଶ୍ରୀଜଗନ୍ନାଥ ଦର୍ଶନ ଯାତ୍ରାରେ ମୟୂରଭଞ୍ଜରୁ ୬୪ ତୀର୍ଥଯାତ୍ରୀ




**ବାରିପଦା, ୧୩ା୨(ସମିସ):** ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦା କଲେଜ ପଡ଼ିଆରେ ଏକ ସଭା ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବାରିପଦା ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ଥିଲେ। ଏ ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଡା. ମହାପାତ୍ର ଜଗନ୍ନାଥ ଦର୍ଶନ ଯୋଜନା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ଉପଲବ୍ଧି ହୋଇପାରିବା ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଏହା ଏକ ଯୁଗାନ୍ତକାରୀ ଯୋଜନା ବୋଲି ଅଭିହିତ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଶ୍ରୀ ଖୁଣ୍ଟିଆ ଏହାଦ୍ୱାରା ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ଏ ଅବସରରେ ଉପସ୍ଥିତ ଅତିଥି 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହ ସବୁଜ ପତାକା ଦେଖାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବା ବସ୍‌ର ଶୁଭାରମ୍ଭ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୬୪ ଜଣ ତୀର୍ଥଯାତ୍ରୀ ଦୁଇଟି ବସ୍‌ରେ ଯାଇଛନ୍ତି। ଏଥିରେ ଚାରିଜଣ ଏସକର୍ଟ ଅଧିକାରୀ ଓ ଦୁଇଜଣ ମେଡିକାଲ ଅଫିସର ତୀର୍ଥଯାତ୍ରୀଙ୍କ ଯାତ୍ରାର ସୁଗମତା ପାଇଁ ନିୟୋଜିତ ଅଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**୧୯ରୁ ମାଟ୍ରିକ ପରୀକ୍ଷା**

## ନୋଡାଲ ଇନ୍‌ଚାର୍ଜ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ବାରିପଦା, ୧୩ା୨ (ସମିସ)

ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବାର୍ଷିକ ଏଚଏସସି (ମାଟ୍ରିକ), ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ (ଏସଓଏସସି) ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ ନୋଡାଲ ଇନଚାର୍ଜ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଏସପି ସବିତା ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ, ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଓ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିର୍ଦ୍ଦେଶନା ଦେଇଥିଲେ। ଚଳିତ




ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୬୨୭ଟି ହାଇସ୍କୁଲର ୩୨, ୫୮୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଏଥିମଧ୍ୟରୁ ୩୧, ୮୦୬ଜଣ ମାଟ୍ରିକ, ୩୦୯ଜଣ ମଧ୍ୟମା ଓ ୪୬୯ଜଣ ଏସଓଏସସି ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲାରେ ୧୮୪ଟି ପରୀକ୍ଷା କେନ୍ଦ୍ର ସହ ୨୧ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରୁ ନୋଡାଲ କେନ୍ଦ୍ରଗୁଡ଼ିକରେ ପହଞ୍ଚିଛି। ନୋଡାଲ କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଏଆଇ ସିସି କ୍ୟାମେରା ଓ ପୁଲିସ ମୁତୟନ କରାଯାଇଛି। ୪୯ଟି ଡେସପାର୍ଚ ଟିମ୍ ନୋଡାଲ କେନ୍ଦ୍ରରୁ କଡ଼ା ସୁରକ୍ଷାରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଇବେ। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକର ୧୦୦ ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ବ୍ୟାପକ ତଦାରଖ କରିବ। ପରୀକ୍ଷାକୁ ସ୍ୱଚ୍ଛ ରଖିବା ଓ ପ୍ରଶ୍ନପତ୍ର ଭାଇରାଲ ହେବାକୁ ରୋକିବା ପାଇଁ ବୋର୍ଡ ପକ୍ଷରୁ ନିଆଯିବାକୁ ଥିବା ପଦକ୍ଷେପ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ ମୋବାଇଲ୍ ଫୋନ୍ କେନ୍ଦ୍ର ମଧ୍ୟକୁ ନେଇପାରିବେ ନାହିଁ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ ସମସ୍ତଙ୍କୁ ସହଯୋଗ କରି ପରୀକ୍ଷାକୁ ସୁଚାରୁରୂପେ ସମ୍ପନ୍ନ କରିବାକୁ କାମନା କରିଛନ୍ତି। ନୋଡାଲ ଇନଚାର୍ଜ ଓ ସୁପରିଣ୍ଟେଣ୍ଡେଣ୍ଟମାନେ ଏହି ନିର୍ଦ୍ଦେଶନା ଅନୁସାରେ କଡ଼ାକଡ଼ିରେ ପରୀକ୍ଷା ପରିଚାଳନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ରାଇରଙ୍ଗପୁର ରେଳ ଷ୍ଟେସନର ହେଉଛି ନବକଳେବର

■ ଯାତ୍ରୀଙ୍କୁ ମିଳିବ ବିଶ୍ୱସ୍ତରୀୟ ସୁବିଧା
■ ଷ୍ଟେସନରେ ଆଦିବାସୀ ସଂସ୍କୃତି, ଐତିହ୍ୟର ରହିବ ଛାପ

ରାଇରଙ୍ଗପୁର, ୧୩।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ରାଇରଙ୍ଗପୁର ଅମୃତ ଭାରତ ଷ୍ଟେସନ ଯୋଜନାରେ ପୁନଃବିକଶିତ ହେଉଛି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଥିବା ବେଳେ ଖୁବଶୀଘ୍ର ନବକଳେବର ରୂପରେ ଲୋକାର୍ପଣ ହେବାକୁ ଯାଉଛି। ଅମୃତ ଭାରତ ଷ୍ଟେସନ ଯୋଜନାରେ ରେଳ ଷ୍ଟେସନ ପୁନଃବିକଶିତ ହେବା ସହ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଏବଂ ସ୍ଥାପତ୍ୟରୁ ଅନୁପ୍ରାଣିତ ହୋଇ ଡିଜାଇନ କରାଯାଉଛି। ରେଳ ବିଭାଗ ପକ୍ଷରୁ ପୁନର୍ବିକାଶ କରିବା ପାଇଁ ଅମୃତ ଷ୍ଟେସନ ଯୋଜନାରେ ସାମିଲ କରି ରାଇରଙ୍ଗପୁର ରେଳ ଷ୍ଟେସନ ନିମନ୍ତେ ୭କୋଟି ୪୦ଲକ୍ଷ ଟଙ୍କାର ବ୍ୟୟ ବରାଦରେ ନିର୍ମାଣ କାର୍ଯ୍ୟ ଚାଲିଛି।

ଏହା ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ହୋଇଥିବାବେଳେ ଦଶନ୍ଧି ଦଶନ୍ଧି ଧରି ଅପରିବର୍ତ୍ତିତ ରହିଥିଲା। ଏଥିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ରାଇରଙ୍ଗପୁର ରେଳ ଷ୍ଟେସନରେ ଏବେ ଅନେକ ପରିବର୍ତ୍ତନ ହେଉଛି। ନିକଟ ଭବିଷ୍ୟତରେ ରେଳ ଷ୍ଟେସନ ନବକଳେବର ହୋଇ ନୂତନ ରୂପ ପାଇବ। ରେଳ ଷ୍ଟେସନର ଅଭୂତପୂର୍ବ ପରିବର୍ତ୍ତନ



ପାଇଁ ପ୍ରସ୍ତୁତ ହେଉଛି। ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ ଜାରି ରହିଛି। ନୂତନ ଷ୍ଟେସନ ହେଲେ ଅନେକ ଯାତ୍ରୀ ମାନଙ୍କ ପାଇଁ ଯାତ୍ରା ଅନୁଭୂତିକୁ ଉନ୍ନତ କରିବ। ଏହି ଯୋଜନାରେ ଆଧୁନିକ ଯାତ୍ରୀ ସୁବିଧା ଯଥା ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବେ ଡିଜାଇନ୍ କରାଯାଇଥିବା ପ୍ଲାଟଫର୍ମ, ରୂପାନ୍ତରିତ ପ୍ଲାଟଫର୍ମ, ସୁନ୍ଦର ଲ୍ୟାଣ୍ଡସ୍କେପିଂ, ରୁଫ୍ ପ୍ଲାଜା, କିଓସ୍କ, ଫୁଡ୍ କୋର୍ଟ, ଛୋଟ ପିଲାମାନେ ଖେଳିବା ପାଇଁ ସ୍ଥାନ ଆଦି ନିର୍ମାଣ କରାଯିବ। ଏହାସହିତ ଷ୍ଟେସନ ପରିସରରେ ଆଲୋକିକରଣ ବ୍ୟବସ୍ଥା ସହିତ ରାସ୍ତା ପ୍ରଶସ୍ତିକରଣ, ଅବାଞ୍ଛିତ ନିର୍ମାଣକୁ ହଟାଇବା, ସୁପରିକଳ୍ପିତ ସଙ୍କେତ ଲଗାଇବା, ଉତ୍ସର୍ଗୀକୃତ ପଥଚାରୀ ପଥ ସ୍ଥାପନ ଏବଂ ପାର୍କିଂ ସୁବିଧା ବୃଦ୍ଧି କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ରାଇରଙ୍ଗପୁର ଏକ ଆଦିବାସୀ ବହୁଳ ସ୍ଥାନ ହୋଇଥିବା ବେଳେ ଷ୍ଟେସନରେ ଆଦିବାସି ଛାପ ରହିବ। ପୁନଃବିକଶିତ ଷ୍ଟେସନ କୋଠାର ଡିଜାଇନ୍ ସ୍ଥାନୀୟ ଆଦିବାସି ସଂସ୍କୃତି, ଐତିହ୍ୟ ଏବଂ ସ୍ଥାପତ୍ୟରୁ ଅନୁପ୍ରାଣିତ ହେଉଛି। ରେଳ ଷ୍ଟେସନ ଆଧୁନିକୀକରଣ କରି ସମସ୍ତ ଆଧୁନିକ ସୁବିଧାରେ ପରିଣତ କରାଯିବ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନ ପୁନଃବିକାଶ ପାଇଁ କାର୍ଯ୍ୟ ଜାରି ରହିଛି। ଏହି ଷ୍ଟେସନର ପୁନଃବିକାଶ କାର୍ଯ୍ୟ ଦକ୍ଷିଣ ପୂର୍ବ ରେଳବାଇ ଅଧୀନରେ ଜାରି ରହିଛି। ଉକ୍ତ ରେଳ ଷ୍ଟେସନ ସମ୍ପୂର୍ଣ୍ଣ ହେଲେ ଯାତ୍ରୀ ମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବା ଲକ୍ଷ୍ୟ ରହିଛି। ଆଗକୁ ନୂତନ ରେଳପଥ ନିର୍ମାଣ ହେବାକୁ ଥିବା ବେଳେ ରାଇରଙ୍ଗପୁର ରେଳ ଷ୍ଟେସନ ଆଗକୁ ଏକ ମୁଖ୍ୟ ରେଳ ଷ୍ଟେସନ ଭାବେ ପରିଚୟ ପାଇବାକୁ ଯାଉଛି। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବା ବେଳେ ଆଗକୁ ରେଳ ଷ୍ଟେସନର ଆହୁରି ରୂପରେଖ ପରିବର୍ତ୍ତନ କରି ନବକଳେବର କରାଯିବାର ଯୋଜନା ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ରେଳ ଷ୍ଟେସନ ସ୍ଥାନୀୟ ଜନସାଧାରଣ ଏବଂ ଯାତ୍ରୀ ମାନଙ୍କୁ କିପରି ଆକୃଷ୍ଟ କରିବ, ସେନେଇ ଏହାର ସାଜସଜ୍ଜା କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି।

## ଭଞ୍ଜଭୂମି ବାଳିକା ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



କୁଳିଅଣା, ୧୩।୨(ସମିସ): କୁଚେଇସ୍ଥ ଭଞ୍ଜଭୂମି ବାଳିକା ଉଚ୍ଚବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଭା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଳାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଙ୍କ ଦ୍ୱାରା ଭାବପୂର୍ଣ୍ଣ ବିଦାୟ ସଙ୍ଗୀତ ପରିବେଷଣ ପରେ ଜଗତର ନାଥ ଜଗନ୍ନାଥଙ୍କ ଫଟୋରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କାସ୍ତ ଯୋଗଦେଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ସହ ଆଗାମୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅନନ୍ତ ସେଠୀ, ନିମାଇଁ ଚରଣ ପାଳ, ସୁମତୀ ଦାସ, ଅତିଥି ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ମ୍ୟାଟ୍ରୋନ ଗୀତାରାଣୀ ସେଠୀ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ନୂଆସାହି ଡିଗ୍ରୀ କଲେଜ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



କପ୍ତିପଦା, ୧୩।୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ନୂଆସାହି ଡିଗ୍ରୀ କଲେଜରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷା ଡ. ବନଜା ମହାନ୍ତି ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ ରଣା ଅତିଥି ଭାବେ ଯୋଗଦେଇ ଛାତ୍ରୀ ଆତ୍ମ ସୁରକ୍ଷାର ଉପାଦେୟତା, ଦାୟିତ୍ୱ ଓ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୃଢ ମନୋବଳ, ଗଭୀର ଆତ୍ମବିଶ୍ୱାସ ଆତ୍ମରକ୍ଷା କୌଶଳର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଡ. ବନଜା ମହାନ୍ତି ପ୍ରକାଶ କରିଥିଲେ। ଅଧ୍ୟାପିକା ନମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚମ୍ପାବତୀ ହେମ୍ବ୍ରମ ଓ ଜ୍ୟୋତ୍ସ୍ନା ସିଂ ପ୍ରଶିକ୍ଷଣ ଦେଇଥିଲେ।

## ରେଲୱେ ମାଲ୍ ଗୋଦାମ ଶ୍ରମିକ ସଂଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଗୋରୁମହିଷାଣୀ, ୧୩।୨(ସମିସ): ରେଲୱେ ମାଲ୍ ଗୋଦାମ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଗୋରୁମହିଷାଣୀ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏକ ଶୋଭାଯାତ୍ରାରେ ଶ୍ରମିକମାନେ ଆଦିବାସୀ ପାରମ୍ପରିକ ବାଦ୍ୟ ବଜାଇ ଗୋରୁମହିଷାଣୀ ଲୌହ ଖଣି ଫାଟକଠାରୁ କଲ୍ୟାଣୀ ମଣ୍ଡପକୁ ଆସିଥିଲେ। ୧୯୯୮ରୁ ଶ୍ରମିକମାନେ ବିଭିନ୍ନ ଦାବି କରିଆସୁଥିବାବେଳେ ଏହା ପୂରଣ ହୋଇଛି। ଆଗାମୀ ଏପ୍ରିଲ ୧ ତାରିଖରୁ ଏହା ଲାଗୁ ହେବ ବୋଲି ମୁଖ୍ୟଅତିଥି ଓଡ଼ିଶା ଜୋନାଲ ସଭାପତି ମନମୋହନ ସେଠୀ କହିଛନ୍ତି। ଗୋରୁମହିଷାଣୀ ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ସଂଘ ସଭାପତି କ୍ରିଷ୍ଣା ମାରାଣ୍ଡି, ପରେଶ ଲାହର, ବିକ୍ରମ ମାହାଲି, ମାଝିଆ ସୋରେନ, ମାଇସା ମାହାଲି, ଭାଗୀରଥି ବେହେରା, ଜିତମୋହନ ସୋରେନ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶିବାନନ୍ଦ ମୟୂରଭଞ୍ଜ ଜିଲ୍ଲା ପୂର୍ବ କଂଗ୍ରେସ କମିଟି ଉପସଭାପତି

ରାସଗୋବିନ୍ଦପୁର, ୧୩।୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲ୍ଲା ପୂର୍ବ ଉପସଭାପତି ଭାବେ ଶିବାନନ୍ଦ ଦାସ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଦାସ ଏଥିପାଇଁ ପିସିସି ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ଅରବିନ୍ଦ ଦାସ, ବର୍ତ୍ତମାନର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ମଜବୁତ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଥମ ବ୍ୟାଚ୍ ସମ୍ମିଳନୀ

ବାରିପଦା, ୧୩।୨(ସମିସ): ସ୍ଥାନୀୟ ମୁର୍ଗାବାଡିସ୍ଥ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷକ (ଡାଏଟ) ପ୍ରତିଷ୍ଠାନର ପ୍ରଥମ ବ୍ୟାଚ୍ (୧୯୮୮) ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ଅଧ୍ୟକ୍ଷ ଅନାଦୀ ବିନ୍ଧାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତତ୍କାଳୀନ ଶିକ୍ଷକ ପ୍ରଶିକ୍ଷକ ତ୍ରୈଲୋକ୍ୟ ଦାସ, ମକରକେତନ ପୃଷ୍ଟି, ସୁଜାତା ମହାପାତ୍ର, ପ୍ରମିଳା ମହାନ୍ତି, ବିଦ୍ୟାଧର ଜେନା, ଲଛମନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ଛାତ୍ରୀ ପ୍ରୀତି ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ୧ମ ବ୍ୟାଚର ୪୧ ଜଣ ଛାତ୍ରଛାତ୍ରୀଙ୍କ ସମେତ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀ, ଶିକ୍ଷକ ପ୍ରଶିକ୍ଷକ ଉପସ୍ଥିତ ରହି ଭାବର ଆଦାନପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ସମସ୍ତ ପ୍ରାକ୍ତନ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବ୍ୟାଚର ସୋମନାଥ ସିଂହ, ପ୍ରଶାନ୍ତ ଭୁଜବଳ ଓ ରାନୁ ପରିଡ଼ାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



## ମେଘାସନୀ ମହୋତ୍ସବ ଉଦ୍‌ଯାପିତ



ବାରିପଦା, ୧୩।୨(ସମିସ): ମେଘାସନୀ ମହୋତ୍ସବ ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏଠାକୁ ଆସିଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। ମେଳାରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ହାତ ତିଆରି ସାମଗ୍ରୀକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରଶଂସା କରିଥିଲେ। ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ ସଙ୍ଗୀତ ପରିବେଷଣ ହୋଇଥିଲା।

ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ମୟୂରଭଞ୍ଜ ଏକ କଳା, ସଂସ୍କୃତି ସମ୍ପନ୍ନ ଜିଲ୍ଲା। ଲୋକକଳା ଓ ପ୍ରାଚୀନ ସାହିତ୍ୟକୁ ବଞ୍ଚାଇ ରଖିବାକୁ ଏଭଳି ମେଳା ସମର୍ପିତ। ଏହି ମେଳା ସଭିଙ୍କୁ ଏକାଠି କରିବାରେ ସହାୟକ ହୋଇଛି। ମୟୂରଭଞ୍ଜର କଳା, ସଂସ୍କୃତିକୁ ସୁଦୂର ପ୍ରସାରୀ କରିବାରେ ଏହି ମେଳା ସହାୟକ ହୋଇଛି। ଗ୍ରାମୀଣ ଅର୍ଥନୀତିର ବିକାଶର ସହ ଆତ୍ମନିର୍ଭର ସ୍ୱପ୍ନ ଏହାଦ୍ୱାରା ପୂରଣ ହୋଇପାରିବ। ସମ୍ମାନିତ ଅତିଥି ସୁଶ୍ରୀ ସଞ୍ଜଲୀ ମୁର୍ମୁ ଯୋଗଦେଇ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ପ୍ରଶଂସା କରି ପରିବାର ପ୍ରତିପୋଷଣ ପାଇଁ ସେମାନେ ଆଗକୁ ଉଦାହରଣ ସୃଷ୍ଟି କରିବେ ବୋଲି କହିଛନ୍ତି। ସନ୍ଧ୍ୟାରେ କଳା, ସଙ୍ଗୀତ ଓ ସଂସ୍କୃତିର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଛି। ଉପଜିଲ୍ଲାପାଳ ବାରିପଦା ଡଃ ଦୟାସିନ୍ଧୁ ପରିଡ଼ା ନିଆରା ସଂଳାପରେ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ପ୍ରଦର୍ଶନ ଷ୍ଟଲ୍‌ଙ୍କୁ ଅତିଥି ପୁରସ୍କୃତ କରିଥିଲେ।

● ଭାରତ ବନ୍ଦ ବେଳେ ଜାତୀୟ ରାଜପଥ ଅବରୋଧ ଘଟଣା

## ୨୫ ଜଣଙ୍କ ନାମରେ ମାମଲା

ରାଇରଙ୍ଗପୁର, ୧୩।୨(ସମିସ): ଗୁରୁବାର ୨୧ ଦଫା ଦାବି ନେଇ ବାମପନ୍ଥୀ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ରାଇରଙ୍ଗପୁରରେ ବନ୍ଦ ପାଳନ ସମୟରେ ଜାତୀୟ ରାଜପଥ ୨୨୦କୁ କର୍ମକର୍ତ୍ତା ଅବରୋଧ କରିଥିଲେ। ଯାହାକୁ ନେଇ ପୁଲିସ ପକ୍ଷରୁ ୨୫ ଜଣଙ୍କ ନାମରେ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି। ଜାତୀୟ ରାଜପଥକୁ ରାଇରଙ୍ଗପୁର ସହରର ଗୋଲେଇ ଛକଠାରେ ବାଉଁଶ, ଗଛ, ପଥର ଆଦି ପକାଇ ଅବରୋଧ କରିଥିଲେ। ଏହାଦ୍ୱାରା ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ଏ ନେଇ ପୁଲିସ ପକ୍ଷରୁ ସାଲଖାନ ସୋରେନ, ସୁଶୀଲ ମହାକୁଡ଼, ରେସିନାଥ ମୁଣ୍ଡା, ସୁଦାମ କିସ୍କୁ, ମଙ୍ଗିଲାଲ ହେମ୍ବ୍ରମଙ୍କ ସମେତ ୨୦ ଜଣ କର୍ମୀଙ୍କ ନାମରେ ମାମଲା ରୁଜୁ କରାଯାଇଛି।

ଗଡ଼ିଗାଁ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ସର୍କଲ

## ‘ଦୈନନ୍ଦିନ ଜୀବନରେ ଗଣିତ ଓ ବିଜ୍ଞାନର ଗୁରୁତ୍ୱ ରହିଛି’

ମୋରଡା, ୧୩।୨(ସମିସ): ମୋରଡା ବ୍ଲକ ଅଧୀନ ଗଡ଼ିଗାଁ ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ସର୍କଲ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋରଡା ଗୋପବନ୍ଧୁ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଧାଂଶୁ ସେଠୀ ଓ ମୁଖ୍ୟବକ୍ତା ଭାବେ ରାଇକାମା ରଘୁନାଥ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ ଜେନା ଯୋଗ ଦେଇଥିଲେ। ବିଚାରକ ଭାବେ ବସନ୍ତ ଦତ୍ତ, ଶ୍ରୀମତୀ ପ୍ରାର୍ଥନା ମିଶ୍ର, ମନୋଜ ଜେନା, ଶ୍ରୀମତୀ ପାର୍ବତୀ ମୁର୍ମୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଗଣିତ ସର୍କଲ୍‌ରେ ୧୨ଟି ଷ୍ଟଲ୍ ଓ ବିଜ୍ଞାନ ସର୍କଲ୍‌ରେ ୧୨ଟି ଷ୍ଟଲରେ ସମସ୍ତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ସର୍କଲ୍‌ରେ ଜିତେନ୍ଦ୍ର ମହାନ୍ତ ଓ ତାଙ୍କ ଦଳ ବହୁମୁଖୀ କୃଷି ଉପକରଣ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓମ୍ କୁମାର ମହାନ୍ତ ଓ ତାଙ୍କ ଦଳ ହାଇଟେକ୍ ଥର୍ମୋମିଟର ପ୍ରକଳ୍ପ ପାଇଁ ଦ୍ୱିତୀୟ, ଦିବ୍ୟଜ୍ୟୋତି ମହାନ୍ତ ଓ ତାଙ୍କ ଦଳ ସ୍ମାର୍ଟ ଡଷ୍ଟବିନ ପାଇଁ ତୃତୀୟ ସ୍ଥାନ ଲାଭ କରିଥିଲେ। ସେହିପରି ଗଣିତ ସର୍କଲ୍‌ରେ କରିସ୍ମା ମହାନ୍ତ ଓ ତାଙ୍କ ଦଳ ଆସ ଆମେ ଖେଳିଖେଳି ଜ୍ୟାମିତି ଜାଣିବା ପ୍ରକଳ୍ପ ପାଇଁ ପ୍ରଥମ, ହରପ୍ରିୟା ମହାନ୍ତ ଓ ତାଙ୍କ ଦଳ ବିଭିନ୍ନ ପ୍ରକାର ଜ୍ୟାମିତିକ ସୂତ୍ର ଖେଳରୁ ଜାଣିବା ପାଇଁ ଦ୍ୱିତୀୟ, ଅରିନ୍ଦମ ମାରାଣ୍ଡି ଓ ତାଙ୍କ ଦଳ ସେନାବାହିନୀରେ ଗଣିତର ଭୂମିକା ପ୍ରକଳ୍ପ ପାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଦୁଇଥର ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ପୁରସ୍କୃତ କରିସ୍ମା ମହାନ୍ତଙ୍କୁ ଏ ଅବସରରେ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଦୈନନ୍ଦିନ ଜୀବନରେ ଗଣିତ ଓ ବିଜ୍ଞାନର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ବିଜ୍ଞାନକୁ ଆଧାର କରି ବୈଜ୍ଞାନିକ ହେବାର ସ୍ୱପ୍ନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଭାରତୀ ମହାନ୍ତ ଛାତ୍ରଛାତ୍ରୀ କିପରି ଗଣିତ ଓ ବିଜ୍ଞାନ ପ୍ରତି ଉତ୍ସାହିତ ହେବେ, ସେଥିପାଇଁ ଆଲୋକପାତ କରିଥିଲେ। ଶିକ୍ଷକ ସରୋଜ ବେହେରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୧୩।୨(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ କିଡ୍‌ସ ମସ୍ତି ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ନିର୍ଦ୍ଦେଶକ ହରିପ୍ରସାଦ ବାରିକ ଓ ଅଧ୍ୟକ୍ଷ ରୀତା ରାଣୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ



ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦାମୋଦର ପତି ଓ ସମ୍ମାନିତ ଅତିଥି ଭାବେ ଶିଶୁ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ବେହେରା, ଡାକ୍ତର ଚିତ୍ତରଞ୍ଜନ ଗିରି, ଶିକ୍ଷକ ରବି ବେଜ, ଦିଗନ୍ତ ବିକାଶର ଅଧ୍ୟକ୍ଷ ଶଶାଙ୍କ ଦଣ୍ଡପାଟ ପ୍ରମୁଖ ଯୋଗଦେଇ କୋମଳମତି ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀ ନୃତ୍ୟ, ଗୀତ, ଯୋଗାଭ୍ୟାସ ଓ ବିଭିନ୍ନ ଥିମ୍ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିଶୁଙ୍କ ନିର୍ମଳ ଭାବମୂର୍ତ୍ତି ଓ ଆତ୍ମବିଶ୍ୱାସ ଭରା ପ୍ରଦର୍ଶନ ଦର୍ଶକଙ୍କ ମନକୁ ମୋହିତ କରିଥିଲା।

**ଶୁଳିଆପଦା:** ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଟା ଗୌରମୋହନ ସାତୁଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ଅନ୍ୱେଷା’ ଅଧ୍ୟକ୍ଷ ଦେବବ୍ରତ ଦେ’ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପରିଚାଳନା କମିଟି ସମ୍ପାଦକ କାଳିଚରଣ ସାତୁଆ, ମୁଖ୍ୟବକ୍ତା ବାରିପଦା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ପାତ୍ର, ଦୋଳଗୋବିନ୍ଦ ମହାନ୍ତ, ସତୀଶ ଦତ୍ତ, ହରିଶ ଦତ୍ତ, ଗୁଣାଧର ଦତ୍ତ, ପରେଶ ସାତୁଆ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଧୀର ବେହେରା



ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଥମ ଭାରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାତୁଆଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ସୁଚିତା ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ଦେବବ୍ରତ ଦେ ଓ ଅତିଥିଗଣଙ୍କ ଉପସ୍ଥିତିରେ ଓଡ଼ିଆ ଅଧ୍ୟାପକ ବିକାଶ ଚନ୍ଦ୍ର ଧୁଙ୍ଗିଆଙ୍କ ଉପନ୍ୟାସ ‘ଚହଲା ପବନ’, ନାଟକ ‘ଭାଗ୍ୟ ମୋର ଭାଗ ହେଲାପରେ’, କବିତା ପୁସ୍ତକ ‘ବୋଝ’ ଲୋକାର୍ପିତ ହୋଇଥିଲା। ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ା ପ୍ରତିଯୋଗିତାର ୮୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ପୂର୍ବ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅନୀଲ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସତ୍ୟବ୍ରତ ଦତ୍ତ ଓ ଡ. ସଞ୍ଜୀବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

**ମୋରଡା:** ତିରିଂ ବ୍ଲକ ଅନ୍ତର୍ଗତ ସାନଭୁଣ୍ଡୁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପୁନ କୁମାର ନାଏକ, ମୁଖ୍ୟବକ୍ତା ଭାବେ ରାଣୀସାହି ବାଳିକା ଉଚ୍ଚବିଦ୍ୟାଳୟ ଶିକ୍ଷକ ରାଜକିଶୋର ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ବଡଗୋବରା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁରୁଚରଣ ବାରିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଦ୍ଧାନ ଟୁଡୁ, ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିବ୍ୟପ୍ରକାଶ ଜେନା, ପୂର୍ବତନ ସିଆରସିସି ବଡଭୁଣ୍ଡୁ ଉଚ୍ଚବିଦ୍ୟାଳୟର ଶିକ୍ଷକ ପ୍ରଭାସ ପାତ୍ର ଓ ସିଆରସିସି ଜଗାଇ କାଲୁଣ୍ଡିଆ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମେଟ୍ରୋନ ନନ୍ଦିକା ମହାନ୍ତ ସହଯୋଗ କରିଥିଲେ। ତିଳକ ମୁର୍ମୁ, ସୀତାମଣି ମାଝୀ ଓ ସମୋବାରୀ ସୋରେନ ସହଯୋଗ କରିଥିବାବେଳେ ଶିକ୍ଷୟିତ୍ରୀ ମାଧବୀ ବାସ୍କେ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା:** ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମନୋରମା ବିନ୍ଧାଣୀଙ୍କ ସଭାପତିତ୍ୱରେ




ଅନୁଷ୍ଠିତ ହୋଇଯାଇଛି। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ ମିଶ୍ର ସ୍ୱତନ୍ତ୍ର ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିନତୀ ପଣ୍ଡା ମୁଖ୍ୟବକ୍ତା, ୧୦ନଂ ୱାର୍ଡ କାଉନସିଲର ଉର୍ମିଳା ନାୟକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ସନ୍ଧ୍ୟାରାଣୀ ବାରିକ, ସଞ୍ଜୟ ବିନ୍ଧାଣୀ, ବସନ୍ତ ପରିଡ଼ା, ଗୌର କିଶୋର ବିନ୍ଧାଣୀ ପ୍ରମୁଖ ସମ୍ମାନିତ ଅତିଥି ରୂପରେ ଯୋଗ ଦେଇଥିଲେ। ଏ ଅବସରରେ କ୍ରୀଡା ପ୍ରତିଯୋଗିତାର ୬୫ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଆଦ୍ୟାଶା ଦାସ ଅତିଥି ପରିଚୟ, ଶିକ୍ଷୟିତ୍ରୀ କବିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ମହୁଲଡିହା:** ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ଆଶ୍ରମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ମୁଖ୍ୟବକ୍ତା ଭାବେ ଚମକପୁର ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠୀ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ଚମ୍ପାଝର ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସାର୍ଦ୍ଦିକ




ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାନସିଂ ସଏ, ସଦସ୍ୟ ପାସିଙ୍ଗ ବଦ୍ରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅଭିରାମ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସାର୍ଦ୍ଦିକ ପଣ୍ଡା ଅତିଥି ପରିଚୟ କରିଥିବାବେଳେ ସହକାରୀ ଶିକ୍ଷକ ପୁଣ୍ଡାରୀକ୍ଷ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ବଡ଼ସାହି/ମାଣତ୍ରୀ:** ବଡ଼ସାହି ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ନୂତନ)ର ବାର୍ଷିକ ଉତ୍ସବ ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସ୍ମୃତିଲିପି ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ନୀଳଗିରି ମହିଳା ଡିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପକ ଡଃ. ପ୍ରଦୀପ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା, ମାଣତ୍ରୀ କ୍ଲଷ୍ଟର ସିଆରସିସି ବସନ୍ତ ବାରିକ, ଚନ୍ଦନପୁର ସରପଞ୍ଚ ହରିଶ୍ଚନ୍ଦ୍ର ମୁର୍ମୁ, ସମିତି ସଭ୍ୟା ମିନତୀ ପାତ୍ର, ପରିଚାଳନା କମିଟି ଅଧ୍ୟକ୍ଷ ଧନାୟ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଜୟନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀ ଦେଶାତ୍ମବୋଧକ, ସମ୍ବଲପୁରୀ,



ଝୁମର, ସାନ୍ତାଳୀ, ଭଜନ ଆଦିରେ ନୃତ୍ୟ ପରିବେଷଣ କରିଥିବାବେଳେ ଛାତ୍ରୀଙ୍କ ଦ୍ୱାରା ବାଲ୍ୟବିବାହ ଉପରେ ଏକ ସଂକ୍ଷିପ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ସହକାରୀ ଶିକ୍ଷକ ରାମଚନ୍ଦ୍ର ସିଂ, ଚିନ୍ମୟୀ ଆରଖ, ଦେବଦତ୍ତା ପତି, ଅଲିଭା ମହାନ୍ତ, ସ୍ନେହଲତା ନାଏକ, ମ୍ୟାଟ୍ରନ ରେବତୀ ନାଏକ, ସିସିଏ ଗଣେଶ ମାଝୀ, ସାକର ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅଭିମନ୍ୟୁ ସାତୁଆ ଧନ୍ୟବାଦ ଅର୍ପଣ କରିଥିଲେ।

